# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 April – 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ଉପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱାରୋପ
- ପଶ୍ଚିମ ଓଡ଼ିଶାର ଦୁଇ ପଦ୍ମ ବିଜେତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ
- କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପାଳିଲା ଅଣାଅଶୀ ତମ ପ୍ରତିଷ୍ଠା ଦିବସ
- ବିଭିନ୍ନ ଦେବୀ ପୀଠରେ ଆଜି ଶେଷ ହେଉଛି ନବଦିନାତ୍ମକ ଚୈତ୍ର ମଙ୍ଗଳବାର ଯାତ୍ରା

ଏବଂ

- କାଳବୈଶାଖୀ ଯୋଗୁଁ ତାତିରେ ସାମାନ୍ୟ ଆଶ୍ୱସ୍ତି; ଆଜି ଅପରାହ୍ନ ଅଢ଼େଇଟା ସୁଦ୍ଧା ଭୁବନେଶ୍ୱରରର ସର୍ବାଧିକ ତାପମାତ୍ରା ୪୧ ଦଶମିକ ୮ ଡିଗ୍ରୀ ରେକଡ

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ, ଶୃଙ୍ଖଳାଯୁକ୍ତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଜଗତସିଂହପୁର ଓ କେନ୍ଦ୍ରାପଡା ଆଦି ୬ଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି। ଏହି ସମୀକ୍ଷା ବୈଠକରେ ୬ଟି ଜିଲ୍ଲା ଅଧିନରେ ଆସୁଥିବା ସମସ୍ତ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା ହୋଇଛି । ବୁଥ୍‌ସ୍ତରରୁ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା କରିବା ପାଇଁ ଶ୍ରୀ ଧଳ ବୈଠକରେ ଯୋଗଦେଇଥିବା ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲାନିର୍ବାଚନ ଅଧିକାରୀ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ ।

## ପଦ୍ମ ବିଜେତାଙ୍କୁ ଶୁଭେଚ୍ଛା

ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସାହିତ୍ୟ ସାଧକ ବିନୋଦ କୁମାର ପଶାୟତ ଏବଂ ପ୍ରସିଦ୍ଧ କୃଷ୍ଣଲୀଳା ସଙ୍ଗୀତର ଗାୟକ ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ସମ୍ମାନରେ ସମ୍ମାନିତ କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ସମ୍ବଲପୁରୀ ସାହିତ୍ୟକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ଯୋଗଦାନ

ଅତୁଳନୀୟ । ସେ ଦୀର୍ଘ ୭ ଦଶନ୍ଧି ଧରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ କାର୍ଯ୍ୟ କରୁଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପ୍ରଧାନ ଲେଖିଛନ୍ତି, ଗତ ପ୍ରାୟ ୯ ଦଶନ୍ଧି ଧରି ସେ ପାରମ୍ପରିକ କୃଷ୍ଣଲୀଳାର ଜଣେ ଗୁରୁ ଓ କଳାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। କୃଷ୍ଣଲୀଳା ଉପରେ ତାଙ୍କର ମହାନ ଯୋଗଦାନ ତଥା ତାଙ୍କର ଏହି ଅସାଧାରଣ କୃତି ବର୍ତ୍ତମାନର ଯୁବ କଳାକାରଙ୍କ ପାଇଁ ପ୍ରେରଣାଦାୟୀ।

## ଆଇସିଏଆର୍ ପ୍ରତିଷ୍ଠା ଦିବସ

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ୭୯ତମ ସ୍ଥାପନା ଦିବସ ଏବଂ ଧାନ ଦିବସ ଆଜି ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଯାଇଛି।

ଏହି ଉପଲକ୍ଷେ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଅମରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ କୃଷି ଗବେଷଣା ଏବଂ ଶିକ୍ଷା ବିଭାଗ ସଚିବ ତଥା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ହିମାଂଶୁ ପାଠକ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ଭାରତକୁ ଖାଦ୍ୟଶସ୍ୟ, ମାଛ, ଉଦ୍ୟାନ କୃଷି ଫସଲ ଏବଂ ଦୁଗ୍ଧ ଉତ୍ପାଦନକୁ ଅନେକ ଗୁଣ ବୃଦ୍ଧି କରିବାରେ ସାହାଯ୍ୟ କରିଛି ଏବଂ ICAR ର ପଦକ୍ଷେପ ମଧ୍ୟ ପ୍ରାକୃତିକ ସମ୍ପଦ ପରିଚାଳନା, ଜଳବାୟୁ ସ୍ଥିରତା ଏବଂ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆଣିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ଭାରତ ସରକାରଙ୍କ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର ଶିକ୍ଷା ବିଭାଗ ଉପମହାନିର୍ଦ୍ଦେଶକ, ସହାୟକ ମହାନିର୍ଦ୍ଦେଶକ, ଓ.ୟୁ.ଏ.ଟିର କୁଳପତି ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର କୃଷି ବିକାଶ, ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷଣାବେକ୍ଷଣର ପଦ୍ଧତି, କୃଷି ଯାନ୍ତ୍ରିକୀକରଣ, ଚାଉଳର ଗୁଣାତ୍ମକ ନିୟନ୍ତ୍ରଣ, କୀଟ ନିୟନ୍ତ୍ରଣ ତଥା କୃଷକ ସମ୍ପ୍ରଦାୟର ଉନ୍ନତି ଦିଗରେ ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଆଭାସୀ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ଗବେଷଣା ପ୍ରବନ୍ଧକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ୧୯୪୫ ମସିହାରେ ଭାରତ ସରକାର ଦେଶର ଖାଦ୍ୟ ଅଭାବକୁ ପୂରଣ କରିବାର ଲକ୍ଷ୍ୟ ରଖି ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗରେ ଚାଷ ଉତ୍ପାଦନ ଅଭିବୃଦ୍ଧି ପାଇଁ ବୈଜ୍ଞାନିକ ମାନଙ୍କର ଗବେଷଣା ନିମନ୍ତେ ଏହି ଧାନ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରିଥିଲେ। ୭୯ ବର୍ଷ ମଧ୍ୟରେ ଏଠାରେ ବୈଜ୍ଞାନିକମାନେ ବିଭିନ୍ନ କିସମର ଧାନ ଉତ୍ପାଦନ କରି ସମଗ୍ର ଏସିଆ ମହାଦେଶରେ ଏହାକୁ ଏକ ଶ୍ରେଷ୍ଠ ଧାନ ଗବେଷଣା କେନ୍ଦ୍ର ଭାବେ ପରିଚିତ କରାଇଛନ୍ତି।

## ହନୁମାନ ଜନ୍ମଉତ୍ସବ

ଆଜି ଚୈତ୍ର ପୂର୍ଣ୍ଣିମା ଏବଂ ହନୁମାନଙ୍କ ଜନ୍ମ ଉତ୍ସବ ସାରା ରାଜ୍ୟରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ

‘ଏକ୍ସ’ରେ ସେ ସଂକଟମୋଚନ ଶ୍ରୀ ହନୁମାନଙ୍କ ନିକଟରେ ସମସ୍ତ ଓଡ଼ିଶାବାସୀଙ୍କ ମଙ୍ଗଳକାମନା କରିଛନ୍ତି।

**Ganjam**

# ଚୈତ୍ର ଯାତ୍ରା

ରାଜ୍ୟର ବିଭିନ୍ନ ଦେବୀପୀଠ ଗୁଡ଼ିକରେ ଆଜି ଚୈତ୍ର ମଙ୍ଗଳବାର ଯାତ୍ରା ଶେଷ ହେଉଛି। ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରେଣୀଙ୍କ ଯାତ୍ରା ଆଜି ଶେଷ ହେଉଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା’ ତାରାତାରେଣୀଙ୍କ ଚୈତ୍ର ଯାତ୍ରା ଚଳିତମାସର ୫ଟି ମଙ୍ଗଳବାରରେ ଅନୁଷ୍ଠିତ ହୋଇଥିଲା । ମା’ଙ୍କର ଏହି ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁଙ୍କ ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ପାନୀୟଜଳ ବ୍ୟବସ୍ଥା କରାଯାଇଛି । ଏହି ଯାତ୍ରା ସମ୍ପର୍କରେ ମା’ଙ୍କ ମୁଖ୍ୟ ସେବାୟତ ବାପୁଜୀ ରଣା କହନ୍ତି...

**- V/O –**

## ନିର୍ବାଚନ ସ୍ଥିତି- ଗଞ୍ଜାମ

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ଲୋକସଭା ଏବଂ ରାଜ୍ୟସଭା ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ’ ମାଧ୍ୟମରେ ପ୍ରାର୍ଥୀମାନେ ଭୋଟରମାନଙ୍କୁ ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ

ନିବେଦନ କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ଦୁଇଟି ସଂସଦୀୟ କ୍ଷେତ୍ର ବ୍ରହ୍ମପୁର ଓ ଆସିକା ଥିବାବେଳେ ଏହା ଅଧୀନରେ ୧୩ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅଧୀନରେ ୫ଟି ଏବଂ ଆସିକା ଲୋକସଭା କ୍ଷେତ୍ର ଅଧୀନରେ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ଗଞ୍ଜାମ ଜିଲ୍ଲାରେ ଆଜି ସୁଦ୍ଧା ରହିଥିବା ନିର୍ବାଚନ ସ୍ଥିତି ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ବିଭୂତି ଭୂଷଣ ତ୍ରିପାଠୀଙ୍କ ରିପୋର୍ଟ...

**- V/O –**

# ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଆଜି ରାଜ୍ୟରେ ତାତି ସାମାନ୍ୟ ହ୍ରାସ ପାଇଛି । ଅପରାହ୍ନ ସାଢ଼େ ୨ଟା ସୁଦ୍ଧା ୩ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି । ଭୁବନେଶ୍ୱରରେ ସର୍ବାଧିକ ୪୧ ଦଶମିକ ୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲିରେ ପାରଦ ୪୦ ଦଶମିକ ୪ ଡିଗ୍ରୀ ଛୁଇଁଛି । ସେହିପରି ବାଲେଶ୍ୱରରେ ପାରଦ ୪୦ ଦଶମିକ ୩ ଡିଗ୍ରୀ ଛୁଇଁଥିବା ବେଳେ ଝାରସୁଗୁଡାରେ ତାପମାତ୍ରା ୩୯ ଦଶମିକ ୫, ପାରାଦ୍ୱୀପରେ ୩୮ ଦଶମିକ ୮, ରାଉରକେଲାରେ ୩୭ ଦଶମିକ ୯, କେନ୍ଦୁଝରରେ ୩୭ ଦଶମିକ ୮, ସମ୍ବଲପୁରରେ ୩୭ ଦଶମିକ ୩, ହୀରାକୁଦରେ ୩୬ ଦଶମିକ ୮ ଏବଂ ଗୋପାଳପୁରରେ ତାପମାତ୍ରା ୩୬ ଦଶମିକ ୫ ଡିଗ୍ରୀ ସେଲସିୟସ୍ ଥିବା ରେକର୍ଡ କରାଯାଇଛି ।

ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏଥିଯୋଗୁଁ ରାଜ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ଆଶା କରାଯାଉଛି ।

## ବସ୍ ଦୁର୍ଘଟଣା

ଯାଜପୁର ବାରବାଟି ବସ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ମଧ୍ୟରୁ ଆଜି ଆଉ ଜଣଙ୍କର ମୃତ୍ୟୁ ଘଟିଛି । ପଶ୍ଚିମବଙ୍ଗର ପୂର୍ବମେଦିନାପୁର ଅଞ୍ଚଳର ୬୦ ବର୍ଷ ବୟସ୍କ ଆନନ୍ଦୀ ନନ୍ଦନ ଜାନାଙ୍କ ମୁଣ୍ଡରେ ଆଘାତ ଲାଗିଥିବା କାରଣରୁ ସେ ଏସସିବି ଟ୍ରମା ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ । ଏହି ବସ୍ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କ ମଧ୍ୟରୁ ଏବେ ୧୦ ଜଣ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜିକୁ ମିଶାଇ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ପାଇଛି ।